ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ଆବଶ୍ୟକ ବେସରକାରୀ ଜମି ଅଧିଗ୍ରହଣ ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧେ, ତା.୧୪.୦୭.୨୦୨୩ ରିଖରେ ଅନୁଷ୍ଠିତ ବିଶେଷଜ୍ଞ କମିଟି ବୈଠକର ବିବରଣୀ।

ଯାଜପୁର ସହରର "ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ" ନିମେନ୍ତ ଯାଜପୁର ତହସିଲ ଅନ୍ତର୍ଗତ ମୌଜା- ୟୁନିଟ ନମ୍ବର-୧୦ ବନ୍ଧୁମହାନ୍ତି ନଗର, ୟୁନିଟ ନମ୍ବର-୧୫ ନାଭିଗୟା , ୟୁନିଟ ନମ୍ବର-୧୧ ସନ୍ଥମାଧବ ନଗର, ୟୁନିଟ ନମ୍ବର-୧୩ ଗରୁଡ ନଗର, ୟୁନିଟ-୧୨ ପଦ୍ମେଶ୍ୱରପୁର ୟୁନିଟ ନମ୍ବର-୧୪ ବିରଜାକ୍ଷେତ୍ରରେ ପ୍ରସ୍ତାବିତ ହୋଇଥିବା ଜମିଅଧିଗ୍ରହଣ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ପାଇଁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁରଙ୍କ ଅଧକ୍ଷତାରେ ବିଶେଷଜ୍ଞ କମିଟିର ସଦସ୍ୟମାନଙ୍କ ଉପସ୍ଥିତରେ ତା.୧୪.୦୭.୨୦୨୩ରିଖ ଅପରାହ୍ନ ଘ.୧୨.୩୦ମି.ରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା ।

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁର, ବିଶେଷଜ୍ଞ କମିଟିର ସମସ୍ତ ସଦସ୍ୟ ଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ହେଉଥିବା ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ଆଇନ-୨୦୧୩ **(RFCTLAR&R Act-2013)** ଓ ଓଡିଶା ସରକାରଙ୍କ ଅଧିନିୟମ ନିୟମାବଳୀ-୨୦୧୬ **(ORFCTLAR&R Rules-2016)** ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପର ଆବଶ୍ୟକତା ଓ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସାରମର୍ମ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ଓ ଅନ୍ୟ ସଦସ୍ୟମାନଙ୍କ ଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ନିଜର ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ । କମିଟିର ସଦସ୍ୟବୃନ୍ଦ ସାମାଜିକ ପ୍ରଭାବ ଆକଳନର ଚୂଡାନ୍ତ ବିବରଣୀକୁ ତର୍ଜମା କରି ନିମ୍ନୋକ୍ତ ସିଦ୍ଧାନ୍ତରେ ଉପନିତ ହୋଇଥିଲେ ।

(୧) ସହରର ଜନସଂଖ୍ୟାର ଘନତ୍ୱ ଦୃଷ୍ଟିରୁ ଉକ୍ତ ସହର ରାସ୍ତା ଗୁଡିକର ସଂପ୍ରସାରଣ ହେବାର ଆବଶ୍ୟକତା ରହିଅଛି ।

(୨) ଏକ ସୁଦୃଢ ଅର୍ଥନୀତି ଆଡକୁ ଅଗ୍ରସର ହେବାକୁ ହେଲେ ଏକ ସୁଦୃଢ ଭିତ୍ତିଭୂମିର ଆବଶ୍ୟକତା ରହିଅଛି ଓ ଉନ୍ନତ ଓ ସଂପ୍ରସାରଣ ରାସ୍ତା ଭିତ୍ତିଭୂମର ଏକ ଅବିଛେଦ୍ୟ ଅଂଶ ।

(୩) ସଂକୀର୍ଣ୍ଣ ରାସ୍ତା ଏକ ଜନ ବହୁଳ ସହରରେ ବହୁତ ଗୁଡିଏ ଜଟିଳ ସମସ୍ୟା କୁ ଜନ୍ମ ଦେଇଥାଏ - ଯଥା ଟ୍ରାଫିକ ସମସ୍ୟା, ଦୁର୍ଘଟଣା, ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବା ଓ ଜରୁରୀ କାଳୀନ ସେବାର ସଠିକ୍ ବିନିଯୋଗ ନ ହୋଇପାରିବା ଇତ୍ୟାଦି, ଏଣୁ ରାସ୍ତା ସଂପ୍ରସାରଣର ଆବଶ୍ୟକତା ରହିଅଛି ।

(୪) ଯାଜପୁର ବିକାଶ ର ପ୍ରଗତି ପଥେ । ଉକ୍ତ ସହରରେ ନୂତନ ଭେଷଜ ମହାବିଦ୍ୟାଳୟ, ପ୍ରଶାସନ ଭବନ, ଇଣ୍ଡୋର ଷ୍ଟାଡିୟମ୍, ମା ବିରଜା ଙ୍କ ଚତୁପାର୍ଶ୍ୱର ଉନ୍ନତି କରଣ ଇତ୍ୟାଦି ଅନେକ ପ୍ରକଳ୍ପ ର କାର୍ଯ୍ୟ ଚାଲୁଅଛି । ଭବିଷ୍ୟତରେ ଯାଜପୁର ସହର ଏକ ପର୍ଯ୍ୟଟନ ସ୍ଥଳ ଭାବରେ ଓଡିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଅଛି । ଏଣୁ ଭବିଷ୍ୟତକୁ ଆଖି ଆଗରେ ରଖି ଉକ୍ତ ପ୍ରକଳ୍ପଟିର କାର୍ଯ୍ୟକାରିତାର ଅତ୍ୟନ୍ତ ଆବଶ୍ୟକତା ରହିଅଛି ।

(୫) ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ଯାଜପୁର ଏକ ଅଗ୍ରଣୀ ପର୍ଯ୍ୟଟନ ସ୍ଥଳୀଭାବରେ ପରିଗଣିତ ହେବ ।

(୬) ପ୍ରକଳ୍ପରେ କ୍ଷତିଗ୍ରସ୍ତ ଜମିମାଲିକ ମାନେ କିପରି ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ ରାଶି ପାଇପାରିବେ ତାହା ବୈଠକ ରେ ଆଲୋଚନା କରାଯାଇ ସ୍ଥିରିକୃତ ହେଲା ।

(୭) ଜନସାଧାରଣଙ୍କର ସାମାଜିକ, ଅର୍ଥନୈତିକ ମାନଦଣ୍ଡର ବିକାଶ ପାଇଁ ଉକ୍ତ ପ୍ରକଳ୍ପ ସହାୟକ ହେବ ବୋଲି ଆଶା କରାଯାଉଅଛି ।

ଯାଜପୁରର ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପାରିଲେ ସାମୁହିକ ଉନ୍ନତି ସମ୍ଭବ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରକଳ୍ପ କାର୍ଯ୍ୟ ପାଇଁ ସହମତରେ ଉପନୀତ ହେଲେ ।

ସର୍ବଶେଷରେ ଆବାହକ-ତଥା-ଉପଜିଲ୍ଲାପାଳ, ଯାଜପୁର ଉପସ୍ଥିତ ଥିବା ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେବା ସହିତ ସଭାସାଙ୍ଗ କରାଯାଇଥିଲା ।

ଦିବ୍ୟଲୋଚନ 25.03.2021

ଅଧ୍ୟକ୍ଷ-ତଥା-ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ),
ଯାଜପୁର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## (ଭୂ-ଅର୍ଜନ (ସିଭିଲ) ଉପ-ବିଭାଗ)
## ବିଜ୍ଞାପନ
**ସଂଖ୍ୟା ୪୪୩୪ ତା. 1-08-23**

ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ଧାରା ୭ ର ଉପଧାରା ୧ ମୁତାବକ "ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢୀକରରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା ବିରାଜଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ "ପ୍ରକଳ୍ପ ନିମନ୍ତେ ଯାଜପୁର ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା.୧୪.୦୭.୨୦୨୩ରିଖ ଅପରାହ୍ନ ୧୨.୩୦ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକର ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଓଡିଶା ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ନିୟମ, ୨୦୧୬ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଯାଜପୁର ଜିଲ୍ଲାପାଳଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ ହେବ ।

ଦିବ୍ୟଲୋଚନ 31.07.2023

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୪୪୩୫ ତା. 01-08-23

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଦିବ୍ୟଲୋଚନ 31.07.2023

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୪୪୩୬ ତା. 01-08-23

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର/ ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁର/ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଜନ, ପାଣିକୋଇଲ / ତହସିଲଦାର, ଯାଜପୁର/ ନିର୍ବାହୀ ଅଧିକାରୀ, ଯାଜପୁର ପୌରପାଳିକାଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁରଙ୍କୁ ବିଜ୍ଞାପନର ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ଗୋଟିଏ ନକଲ ୟୁନିଟ ନମ୍ବର-୧୦ ବନ୍ଧୁମହାନ୍ତି ନଗର, ୟୁନିଟ ନମ୍ବର-୧୫ ନାଭିଗୟା , ୟୁନିଟ ନମ୍ବର-୧୧ ସନ୍ତୁମାଧବ ନଗର, ୟୁନିଟ ନମ୍ବର-୧୩ ଗରୁଡ ନଗର, ୟୁନିଟ-୧୨ ପଦ୍ମେଶ୍ୱରପୁର ୟୁନିଟ ନମ୍ବର-୧୪ ବିରଜାକ୍ଷେତ୍ର ମୌଜାର ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରିବେ ଏବଂ ଜିଲ୍ଲାପାଳ, ଯାଜପୁରଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ କରାଇବାପାଇଁ ନିର୍ଦ୍ଦେଶ ଦିଆଗଲା ।

ଦିବ୍ୟଲୋଚନ 31.07.2023

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. 8437 ତା. 01-08-23

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା/ ଯୁଗ୍ମ ଶାସନ ସଚିବ, ବିଭାଗ, ଓଡିଶା / ଯୁଗ୍ମ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଙ୍କ କାର୍ଯ୍ୟାଳୟ କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ୍ ସାଇଟ୍‌ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. 8438 ତା. 01-08-23

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ୍ ବୋର୍ଡ / ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ଯାଜପୁର କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଯାଜପୁର ୱେବ୍ ସାଇଟ୍‌ରେ ତୁରନ୍ତ ପ୍ରକାଶନ କରିବେ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର